"ଦି ଟାଇମ୍ସ ଅଫ୍ ଇଣ୍ଡିଆ"ର ସମ୍ପାଦକ, ମୁଦ୍ରକ ଏବଂ ପ୍ରକାଶକ ଓ ଅଶ୍ୱିନୀ କୁମାର ଘୋଷ ଏବଂ ଅନ୍ୟଜଣେ

ବନାମ

ଅରବିନ୍ଦ ବୋଷ ଏବଂ ଅନ୍ୟଜଣେ

*1952*

*ଡିସେମ୍ବର 12*

[ମେହେର ଚାନ୍ଦ ମହାଜନ, ମୁଖେର୍ଜୀ ଦାସ, ଚନ୍ଦ୍ରଶେଖର ଆୟର ଏବଂ ଭଗବତୀ, ନ୍ୟାୟମୂର୍ତ୍ତିବୃନ୍ଦ]

*ନ୍ୟାୟାଳୟଙ୍କ ଅବମାନନା-ବିଚାରପତିମାନଙ୍କ ଉପରେ ଉଦ୍ଦେଶ୍ୟ ଆରୋପ କରୁଥିବା ଅନୁଚ୍ଛେଦ- ଘୋର ଅବମାନନା-କ୍ଷମା ପ୍ରାର୍ଥନା-ସର୍ବୋଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟପ୍ରଣାଳୀ*

ଅତ୍ୟନ୍ତ ଗୁରୁତର ଏବଂ ଗମ୍ଭୀର ମାମଲା ବ୍ୟତୀତ ନ୍ୟାୟାଳୟଙ୍କ ଅବମାନନା ପାଇଁ କୌଣସି ଏକ ନିୟମ ଜାରି କରିବା ସର୍ବୋଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟପ୍ରଣାଳୀ ନୁହେଁ ଏବଂ ଜନସାଧାରଣଙ୍କ ସମାଲୋଚନା ପ୍ରତି ଏହା କଦାପି ଅତ୍ୟଧିକ ସମ୍ବେଦନଶୀଳ ନୁହଁନ୍ତି; କିନ୍ତୁ ଯେତେବେଳେ ନ୍ୟାୟ ପ୍ରଶାସନ ପ୍ରସଙ୍ଗରେ ଗୁରୁତର ଅନିଷ୍ଟ ହେବାର ବିପଦ ଥାଏ, ସେତେବେଳେ ସମାଲୋଚନାତ୍ମକ ମନ୍ତବ୍ୟକୁ ଅଣଦେଖା କରାଯିବ ନାହିଁ ଏବଂ ଶାନ୍ତ ସ୍ଥିରତା ସହିତ ଦେଖାଯିବ ନାହିଁ ।

*ଅଶ୍ୱିନୀ କୁମାର ଘୋଷ ବନାମ ଅରବିନ୍ଦ ବୋଷ ଏବଂ ଅନ୍ୟଜଣେ* ([1953] S.C.R. 1) ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଉପରେ "ଟାଇମ୍ସ ଅଫ୍ ଇଣ୍ଡିଆ" ରେ ଏକ ପ୍ରମୁଖ ପ୍ରବନ୍ଧରେ ନିମ୍ନଲିଖିତ ବିବୃତ୍ତି ରହିଥିଲା: "ଏହି ବିଷୟର ସତ୍ୟତା ହେଉଛି ଯେ ଦିଲ୍ଲୀର ଉଚ୍ଚ ଆଇନଗତ ପରିସରରେ ଦ୍ୱୈତ ବ୍ୟବସ୍ଥାକୁ ଅପ୍ରଚଳିତ ଏବଂ ଅସଙ୍ଗତ ବୋଲି ବିବେଚନା କରାଯାଉଥିଲା....ଆଡଭୋକେଟ୍ ଏବଂ ଏଜେଣ୍ଟଙ୍କ ପଞ୍ଜୀକରଣ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରସ୍ତୁତ ନିୟମର ଶୀର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଅଛି ଯେ ନିୟମଗୁଡିକ ସଂଶୋଧନ ସାପେକ୍ଷ ଥିଲା ଏବଂ ବିଚାରପତିମାନେ ଦ୍ୱୈତ ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଏକ ପ୍ରସ୍ତାବ ଉପରେ ବିଚାର କରିଥିଲେ....ଆଇନ ଉପରେ ଚାପ ପକାଇ ଏକ ସନ୍ଦେହଜନକ କିମ୍ବା ଏପରିକି ଏକ ପ୍ରଶଂସନୀୟ ଉଦ୍ଦେଶ୍ୟ ହାସଲ କରିବା କ୍ୱଚିତ୍ ନୈତିକ ଉନ୍ନତି ସାଧନ କରେ । ଆଇନର ପବିତ୍ର ପରିସରରେ ରାଜନୀତି ଏବଂ ନୀତିର କୌଣସି ସ୍ଥାନ ନାହିଁ ଏବଂ ଆଇନର ନ୍ୟାୟାଳୟଗୁଡିକ ସମସ୍ତ ବାହ୍ୟ ବିଚାରକୁ ପରିତ୍ୟାଗ କରି ଏବଂ ଅଟଳ ରହି ପବିତ୍ର ଉଦାସୀନତା ପାଳନ କଲେ ଦେଶ ଏବଂ ସମ୍ବିଧାନର ଅଧିକ ଭଲ ସେବା କରିପାରିବେ" । ଅଦାଲତ ଅବମାନନା ପାଇଁ କାର୍ଯ୍ୟାନୁଷ୍ଠାନରେ: ଏହା କୁହାଯାଇଥିଲା ଯେ, ଯଦି ଏହି ଅନୁଚ୍ଛେଦଗୁଡ଼ିକ ଅଦାଲତକୁ କେବଳ ପବିତ୍ର ଉଦାସୀନତାର ଉପଦେଶ ପ୍ରଦାନ କରିଥାନ୍ତେ, ତେବେ କୌଣସି ଆପତ୍ତି ନିଆଯାଇନଥାନ୍ତା, କିନ୍ତୁ ବିଚାରପତିମାନଙ୍କ ଉଦ୍ଦେଶ୍ୟକୁ ଅନୁଚିତ ଦର୍ଶାଇ, ଏହି ଅନୁଚ୍ଛେଦ କେବଳ ନିରପେକ୍ଷ ଏବଂ ସଚ୍ଚୋଟ ସମାଲୋଚନାର ସୀମାକୁ ଉଲ୍ଲଙ୍ଘନ କରିନଥିଲା, ବରଂ ନ୍ୟାୟାଳୟଙ୍କ ମର୍ଯ୍ୟାଦା ଏବଂ ପ୍ରତିଷ୍ଠାକୁ ପ୍ରଭାବିତ କରିବାର ଏକ ସ୍ପଷ୍ଟ ପ୍ରବୃତ୍ତି ଥିଲା ଏବଂ ତେଣୁ ଏହା ନ୍ୟାୟାଳୟଙ୍କ ଘୋର ଅବମାନନା ଥିଲା ।

ଯଦି ଜନସାଧାରଣଙ୍କ ମନରେ ଏକ ଧାରଣା ସୃଷ୍ଟି ହୁଏ ଯେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନେ ବାହ୍ୟ ବିଚାରକୁ ଆଧାର କରି ମାମଲାଗୁଡ଼ିକର ନିଷ୍ପତ୍ତି ନେଇଥାନ୍ତି, ନ୍ୟାୟ ପ୍ରଶାସନ ଉପରେ ସମଗ୍ର ସମ୍ପ୍ରଦାୟର ବିଶ୍ୱାସ ହ୍ରାସ ପାଇବ ଏବଂ ଏହାଠାରୁ ବଡ଼ ଅନିଷ୍ଟ ସମ୍ଭବତଃ କଳ୍ପନା କରାଯାଇପାରିବ ନାହିଁ ।

1952

"ଦି ଟାଇମ୍ସ ଅଫ୍ ଇଣ୍ଡିଆ"ର ସମ୍ପାଦକ, ମୁଦ୍ରକ ଏବଂ ପ୍ରକାଶକ

[ସମ୍ପାଦକ, ମୁଦ୍ରକ ଏବଂ ପ୍ରକାଶକଙ୍କ ଦ୍ୱାରା ଦିଆଯାଇଥିବା ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଏବଂ ସେମାନଙ୍କ ଅନୁତାପକୁ ବ୍ୟାପକ ପ୍ରଚାର ଦେବା ପାଇଁ ସେମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ଦୃଷ୍ଟିରୁ, କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରାଯାଇଥିଲା ।

*ଆଣ୍ଡ୍ରିୟୁ ପଲ୍ ବନାମ ତ୍ରିନିଦାଦର ଆଟର୍ଣ୍ଣି-ଜେନେରାଲ୍ (A.I.R. 1936 P.C. 141) ରେ ଉଲ୍ଲେଖ କରାଯାଇଛି ।*

ମୂଳ ଅଧିକାରିତା: 1952 ର ଆବେଦନ ସଂଖ୍ୟା 160 ।

ଅକ୍ଟୋବର 30,1952 ରେ ସେମାନଙ୍କର ଖବରକାଗଜରେ "ଏକ ବିବ୍ରତଜନକ  ନିଷ୍ପତ୍ତି" ଶୀର୍ଷକ ଥିବା ଏକ ପ୍ରମୁଖ ପ୍ରବନ୍ଧ ପ୍ରକାଶ କରିଥିବାରୁ, "ଟାଇମସ୍ ଅଫ୍ ଇଣ୍ଡିଆ" (ଦୈନିକ), ବମ୍ବେ ଏବଂ ଦିଲ୍ଲୀର ସମ୍ପାଦକ, ମୁଦ୍ରକ ଏବଂ ପ୍ରକାଶକଙ୍କ ବିରୋଧରେ ନ୍ୟାୟାଳୟର ଅବମାନନା କାର୍ଯ୍ୟାନୁଷ୍ଠାନ ।

*ଏମ୍.ସି. ସେତାଲୱାଡ, ଭାରତର ଆଟର୍ଣ୍ଣି ଜେନେରାଲ (ପି.ଏ. ମେହତାଙ୍କ ସହିତ)* (ନ୍ୟାୟ ମିତ୍ର)।

*ଏନ୍.ସି. ଚାଟାର୍ଜୀ (ନୁର୍-ଉଦ୍-ଦିନ୍ ଅହମ୍ମଦ ଏବଂ ଏ.କେ.ଦତ୍ତଙ୍କ ସହିତ)* (ଅବମାନନାକାରୀଙ୍କ ପାଇଁ)।

ଡିସେମ୍ବର 12, 1952 । କୋର୍ଟଙ୍କ ଆଦେଶ ନ୍ୟାୟମୂର୍ତ୍ତି ମହାଜନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା- 1952 ମସିହା ଅକ୍ଟୋବର 30 ତାରିଖରେ, ବମ୍ବେ ଏବଂ ନୂଆଦିଲ୍ଲୀରେ ପ୍ରକାଶିତ ଏକ ଦୈନିକ ଖବରକାଗଜ 'ଟାଇମ୍ସ ଅଫ୍ ଇଣ୍ଡିଆ'ରେ, ଅଧୀନରେ 'ଏକ ବିବ୍ରତଜନକ ନିଷ୍ପତ୍ତି' ଶୀର୍ଷକ ଏକ ପ୍ରମୁଖ ପ୍ରବନ୍ଧ ପ୍ରକାଶିତ ହୋଇଥିଲା ।

ଚିନ୍ତାର ବିଷୟ ଏହା ଥିଲା ଯେ ଏକକ ଭାବେ ତୀର୍ଯକ ଏବଂ ଅସଙ୍ଗତ ଢଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ଏକ ସଂଖ୍ୟାଗରିଷ୍ଠ ନିର୍ଣ୍ଣୟ ଦ୍ୱାରା କଲିକତା ଏବଂ ବମ୍ବେ ଉଚ୍ଚ ନ୍ୟାୟାଳୟମାନଙ୍କରେ ପ୍ରଚଳିତ ବହୁ ହାନିକାରକ ଦ୍ୱୈତ ବ୍ୟବସ୍ଥାର ଅନ୍ତ ଘଟାଇ କହିଥିଲେ ଯେ ଯେକୌଣସି ଉଚ୍ଚ ନ୍ୟାୟାଳୟରେ, ସର୍ବୋଚ୍ଚ ନ୍ୟାୟାଳୟର ଓକିଲମାନଙ୍କୁ ପ୍ରଦାନ କରାଯାଇଥିବା ଓକିଲାତି କରିବାର ଅଧିକାର, ସେହି ଉଚ୍ଚ ନ୍ୟାୟାଳୟରେ ବଳବତ୍ତର ଥିବା ନିୟମଗୁଡ଼ିକୁ ଅପ୍ରଯୋଜ୍ୟ କରାଗଲା, ଯେଉଁଥିରେ ମୂଳ ପକ୍ଷରେ ଉପସ୍ଥିତ ଓକିଲମାନଙ୍କୁ ଅନ୍ୟ ଯୋଗ୍ୟତା ଥିବା ଓକିଲମାନଙ୍କର ନିର୍ଦ୍ଦେଶ ନେବା ଆବଶ୍ୟକ ଥିଲା । ପ୍ରବନ୍ଧଟି ନିମ୍ନୋକ୍ତ ଅଂଶ ସହିତ ସମାପ୍ତ ହେଲା:-

"ଏହି ପ୍ରସଙ୍ଗର ବାସ୍ତବତା ହେଉଛି ଯେ ନୂଆଦିଲ୍ଲୀ ଏବଂ ଅନ୍ୟାନ୍ୟ ସ୍ଥାନରେ ଉଚ୍ଚ ଆଇନଗତ ପରିସରରେ, ଦ୍ୱୈତ ବ୍ୟବସ୍ଥାକୁ ଅପ୍ରଚଳିତ ଏବଂ ଅସଙ୍ଗତ ବୋଲି ବିବେଚନା କରାଯାଏ । ଆଡଭୋକେଟ୍ ଏବଂ ଏଜେଣ୍ଟଙ୍କ ପଞ୍ଜୀକରଣ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରସ୍ତୁତ ନିୟମର ଶୀର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଅଛି ଯେ ନିୟମଗୁଡିକ ସଂଶୋଧନ ସାପେକ୍ଷ ଥିଲା ଏବଂ ବିଚାରପତିମାନେ ଦ୍ୱୈତ ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଏକ ପ୍ରସ୍ତାବ ଉପରେ ବିଚାର କରିଥିଲେ । ଯଦି ବ୍ୟବସ୍ଥାଟି ଏହାର ଉପଯୋଗିତାକୁ ଅତିକ୍ରମ କରିଛି ଏବଂ ଏକ ଗଣତାନ୍ତ୍ରିକ ସମ୍ବିଧାନର ନୂତନ ବ୍ୟବସ୍ଥାରେ ଅସଙ୍ଗତ ବୋଲି ଜଣାପଡ଼େ, ତେବେ ଏହାକୁ ସମ୍ପୂର୍ଣ୍ଣରୂପେ ଉଚ୍ଛେଦ କରାଯାଉ । କିନ୍ତୁ ଆଇନ ଉପରେ ଚାପ ପକାଇ ଏକ ସନ୍ଦେହଜନକ କିମ୍ବା ଏପରିକି ଏକ ପ୍ରଶଂସନୀୟ ଉଦ୍ଦେଶ୍ୟ

1952

"ଦି ଟାଇମ୍ସ୍ ଅଫ୍ ଇଣ୍ଡିଆ"ର ସମ୍ପାଦକ, ମୁଦ୍ରକ ଏବଂ ପ୍ରକାଶକ

ମହାଜନ, ନ୍ୟାୟମୂର୍ତ୍ତି

ହାସଲ କରିବା କ୍ୱଚିତ୍ ନୈତିକ ଉନ୍ନତି ସାଧନ କରେ । ଆଇନର ପବିତ୍ର ପରିସରରେ ରାଜନୀତି ଏବଂ ନୀତିର କୌଣସି ସ୍ଥାନ ନାହିଁ ଏବଂ ନ୍ୟାୟାଳୟଗୁଡିକ ସମସ୍ତ ବାହ୍ୟ ବିଚାରକୁ ପରିତ୍ୟାଗ କରି ଏବଂ ଅଟଳ ରହି ପବିତ୍ର ଉଦାସୀନତା ଯାହା କି ଆଇନର ଯଶ  ଓ ନ୍ୟାୟର ପ୍ରତିଶୃତି ପାଳନ କରି, ଦେଶ ଏବଂ ସମ୍ବିଧାନର ଅଧିକ ଭଲ ସେବା କରିପାରିବେ ।"

ଯଦି ଏହି ଅନୁଚ୍ଛେଦଟି ଅଦାଲତଙ୍କୁ କେବଳ ପବିତ୍ର ଉଦାସୀନତାର ଉପଦେଶ ପ୍ରଦାନ କରିଥାନ୍ତା, ତେବେ କୌଣସି ଆପତ୍ତି ନିଆଯାଇନଥାନ୍ତା। କିନ୍ତୁ ଯେତେବେଳେ ଏହା ବିଚାରପତିମାନଙ୍କ ଅନୁଚିତ ଉଦ୍ଦେଶ୍ୟ ଦର୍ଶାଇବାକୁ ଲାଗିଲା, ଏହା କେବଳ ନିରପେକ୍ଷ ଏବଂ ସଚ୍ଚୋଟ ସମାଲୋଚନାର ସୀମାକୁ ଉଲ୍ଲଙ୍ଘନ କରିନଥିଲା, ବରଂ ଏହା ନ୍ୟାୟାଳୟଙ୍କ ମର୍ଯ୍ୟାଦା ଏବଂ ପ୍ରତିଷ୍ଠାକୁ ପ୍ରଭାବିତ କରିବାର ଏକ ସ୍ପଷ୍ଟ ପ୍ରବୃତ୍ତି ଥିଲା । ତେଣୁ ଉକ୍ତ ପ୍ରବନ୍ଧଟି ନ୍ୟାୟାଳୟଙ୍କ ଘୋର ଅବମାନନା କରିଥିଲା । ଏହା ସ୍ପଷ୍ଟ ଯେ ଯଦି ଜନସାଧାରଣଙ୍କ ମନରେ ଏକ ଧାରଣା ସୃଷ୍ଟି ହୁଏ ଯେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନେ ମାମଲାଗୁଡ଼ିକର ନିଷ୍ପତ୍ତି ନେବାରେ ବାହ୍ୟ ବିଚାରକୁ ଆଧାର କରି କାର୍ଯ୍ୟ କରନ୍ତି, ନ୍ୟାୟ ପ୍ରଶାସନ ଉପରେ ସମଗ୍ର ସମ୍ପ୍ରଦାୟର ବିଶ୍ୱାସ ହ୍ରାସ ପାଇବ ଏବଂ ଏହାଠାରୁ ବଡ଼ ଅନିଷ୍ଟ ସମ୍ଭବତଃ କଳ୍ପନା କରାଯାଇପାରିବ ନାହିଁ । ଏହି କାରଣରୁ ଉତ୍ତରଦାତାମାନଙ୍କ ବିରୋଧରେ ଏହି ନିୟମ ଜାରି କରାଯାଇଥିଲା ।

ଆମେ ଏହା ଜାଣି ଖୁସି ଯେ ଖବରକାଗଜର ସମ୍ପାଦକ, ମୁଦ୍ରକ ଏବଂ ପ୍ରକାଶକ ଏହି ପ୍ରକ୍ରିୟାରେ ଦାଖଲ କରିଥିବା ନିଜ ନିଜ ସତ୍ୟପାଠରେ ଖୋଲାଖୋଲି ଭାବେ କହିଛନ୍ତି ଯେ ସେମାନେ ବର୍ତ୍ତମାନ ହୃଦୟଙ୍ଗମ କରିଛନ୍ତି ଯେ ଉକ୍ତ ଆପତ୍ତିଜନକ ପ୍ରବନ୍ଧରେ ସେମାନେ ସେହି ଶବ୍ଦ କିମ୍ବା ଅଭିବ୍ୟକ୍ତିଗୁଡ଼ିକରେ ବୈଧ ସମାଲୋଚନାର ସୀମା ଅତିକ୍ରମ କରିଛନ୍ତି ଯାହାକୁ ଅଦାଲତ ଉପରେ ପ୍ରତିଫଳିତ କରିବା ଏବଂ ଅବମାନନା ଗଠନ କରିବା ଭାବରେ ବିବେଚନା କରାଯାଇପାରେ । ସେମାନେ ଆନ୍ତରିକ ଦୁଃଖ ପ୍ରକାଶ କରିଛନ୍ତି ଏବଂ ସେମାନଙ୍କର ଏହି ପ୍ରଥମ ଭୁଲ ପାଇଁ ସମ୍ପୂର୍ଣ୍ଣ ଭାବରେ ଏବଂ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି । ଆମ୍ଭେ ଏହା ଅନୁଭବ କରିବାକୁ ଚାହୁଁଛୁ ଯେ ଅତ୍ୟନ୍ତ ଗୁରୁତର ଏବଂ ଗମ୍ଭୀର ମାମଲା ବ୍ୟତୀତ ଅଦାଲତଙ୍କ ଅବମାନନା ପାଇଁ କୌଣସି ଏକ ନିୟମ ଜାରି କରିବା ସର୍ବୋଚ୍ଚ ନ୍ୟାୟାଳୟର କାର୍ଯ୍ୟପ୍ରଣାଳୀ ନୁହେଁ ଏବଂ ଜନସାଧାରଣଙ୍କ ସମାଲୋଚନା ପ୍ରତି ଏହା କଦାପି ଅତ୍ୟଧିକ ସମ୍ବେଦନଶୀଳ ନୁହେଁ; କିନ୍ତୁ ଯେତେବେଳେ ନ୍ୟାୟ ପ୍ରଶାସନ ପ୍ରସଙ୍ଗରେ ଗୁରୁତର ଅନିଷ୍ଟ ହେବାର ବିପଦ ଥାଏ, ସେତେବେଳେ ସମାଲୋଚନାତ୍ମକ ମନ୍ତବ୍ୟକୁ ଅଣଦେଖା କରାଯିବ ନାହିଁ ଏବଂ ଶାନ୍ତ ସ୍ଥିରତା ସହିତ ଦେଖାଯିବ ନାହିଁ । ଏହି ପ୍ରସଙ୍ଗରେ ଆମ୍ଭେ *ଆଣ୍ଡ୍ରେ ପଲ୍ ବନାମ ତ୍ରିନିଦାଦର ଆଟର୍ଣ୍ଣି-ଜେନେରାଲ୍* ([1]) କେସ୍ ରେ ମାନନୀୟ ଲର୍ଡସିପ୍ ପ୍ରିଭି କାଉନସିଲଙ୍କ ଦ୍ୱାରା ପ୍ରକାଶିତ ମନ୍ତବ୍ୟରେ ଏକମତ ହେଉଛୁ, ଯେଉଁଠାରେ ସେମାନେ ନିମ୍ନମତେ ମନ୍ତବ୍ୟ ଦେଇଥିଲେ:

"ସମାଲୋଚନାର ମାର୍ଗ ହେଉଛି ଏକ ସାର୍ବଜନୀନ ପନ୍ଥା: ଖଳ ବ୍ୟକ୍ତିମାନେ ଏଥିରେ ଭୁଲ୍ କରିବାକୁ ଅନୁମତି ପାଇଛନ୍ତି; ଯଦି ସମାଜର ସଦସ୍ୟମାନେ ନ୍ୟାୟ ପରିଚାଳନାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିଙ୍କ ଉପରେ ଅନୁଚିତ ଉଦ୍ଦେଶ୍ୟର ଆରୋପଠାରୁ ଦୂରେଇ ରୁହନ୍ତି, ଏବଂ ପ୍ରକୃତରେ ସମାଲୋଚନାର ଅଧିକାର ପ୍ରୟୋଗ କରନ୍ତି

([1]) A.I.R. 1936 P.C. 141

1952

"ଦି ଟାଇମ୍ସ୍ ଅଫ୍ ଇଣ୍ଡିଆ"ର ସମ୍ପାଦକ, ମୁଦ୍ରକ ଏବଂ ପ୍ରକାଶକ

ମହାଜନ, ନ୍ୟାୟମୂର୍ତ୍ତି

ଏବଂ ବିଦ୍ୱେଷରେ କାର୍ଯ୍ୟ କରନ୍ତି ନାହିଁ କିମ୍ବା ନ୍ୟାୟ ପ୍ରଶାସନକୁ ଦୁର୍ବଳ କରିବାକୁ ଚେଷ୍ଟା କରନ୍ତି ନାହିଁ, ତେବେ ସେମାନେ ପ୍ରତିରକ୍ଷିତ ଅଟନ୍ତି । ନ୍ୟାୟ ଏକ ଗୁପ୍ତ ସଦ୍ ଗୁଣ ନୁହେଁ; ଏହାକୁ ତର୍ଜମାର ପରିସରଭୁକ୍ତ କରିବାର ଅନୁମତି ଦିଆଯିବା ଉଚିତ୍ ଏବଂ ସାଧାରଣ ଲୋକଙ୍କ ସ୍ପଷ୍ଟ ମନ୍ତବ୍ୟ ସତ୍ତ୍ୱେ ଏହା ସମ୍ମାନଯୋଗ୍ୟ ଅଟେ । "

ଉତ୍ତରଦାତାମାନଙ୍କ ଦ୍ୱାରା ଦିଆଯାଇଥିବା ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଏବଂ ସେମାନଙ୍କ ଅନୁତାପକୁ ବ୍ୟାପକ ପ୍ରଚାର ଦେବା ପାଇଁ ସେମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ଦୃଷ୍ଟିରୁ, ଆମ୍ଭେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର କରିବାକୁ ଆଦେଶ ଦେଉଛୁ ଏବଂ ଆମେ ଏହି କ୍ଷମା ପ୍ରାର୍ଥନାକୁ ଗ୍ରହଣ କରୁଛୁ ଏବଂ ଖର୍ଚ୍ଚ ବିଷୟରେ କୌଣସି ଆଦେଶ କିମ୍ବା ନିୟମ ନିର୍ବାହ କରୁନାହୁଁ ।

ନିୟମ ରଦ୍ଦ କରାଗଲା ।

ଅବମାନନାକାରୀଙ୍କ ପାଇଁ ଏଜେଣ୍ଟ: ରାଜିନ୍ଦର ନାରାୟଣ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।